

୧୦ମ ଅଧ୍ୟାୟ

# ଗୀତ ରଚନା କରିବା

ଉଦ୍ଦେଶ୍ୟ : ଲେଖା ମାଧ୍ୟମରେ ଶ୍ରୋତାମାନଙ୍କ ନିକଟରେ ତୁମର ଭାବଧାର ପ୍ରକାଶ କରିବା ପାଇଁ ନିଜର ଅନନ୍ୟ ଶୈଳୀରେ ଗୀତ ରଚନା କର ।

ଗୀତ ରଚନା କ'ଣ ତାହା ବୁଝିବା ପାଇଁ ଏକ ଭିଡିଓ ଦେଖ।

## ବର୍ଣ୍ଣନାତ୍ମକ ରଚନା

ବର୍ଣ୍ଣନାତ୍ମକ ରଚନାର ଅର୍ଥ ହେଉଛି କୌଣସି ବସ୍ତୁ, ସ୍ଥାନ, ଅନୁଭୂତି କିମ୍ବା ବସ୍ତୁକୁ ବିସ୍ତୃତ ଭାବରେ ବର୍ଣ୍ଣନା କରି ପାଠକ ବା ଶ୍ରୋତାଙ୍କ ମନରେ ଏକ ସ୍ୱଷ୍ଟ ଚିତ୍ର ସୃଷ୍ଟି କରିବା ।

1. ତୁମ ଶ୍ରୋତାମାନଙ୍କୁ ସହଜରେ ଚିତ୍ରିତ କରିବାରେ ସାହାଯ୍ୟ କରିବା ପାଇଁ ତୁମ ଗୀତର ବିଷୟବସ୍ତୁକୁ ଗଭୀର ଭାବରେ ବର୍ଣ୍ଣନା କର ।
2. ତୁମ ସମସ୍ତ ଇନ୍ଦ୍ରିୟ ବ୍ୟବହାର କର - ଏହା କିପରି ଦିଶେ, ଏହାର ଗନ୍ଧ କିପରି, ଅନୁଭବ କିପରି ଆଦି ସମସ୍ତ ବିଷୟ ବର୍ଣ୍ଣନା କର ।
3. କୌଣସି ଅଜଣା ଜିନିଷକୁ ବର୍ଣ୍ଣନା କରିବାକୁ (ବିସ୍ତୃତ ଭାବରେ) ତୁମ କଳ୍ପନା ଶକ୍ତିର ବ୍ୟବହାର କର ।
4. ଏଥିରେ ଉନ୍ନତ ହେବା ପାଇଁ ତୁମ ଲେଖାକୁ ବିନିମୟ କର; ମତାମତ ପାଇଁ ନିଜକୁ ମୁକ୍ତ ରଖ । ଏହି ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ ।
5. ବିଭିନ୍ନ ଦୃଷ୍ଟିକୋଣର ବିକାଶ ପାଇଁ ଅନ୍ୟ ମାନଙ୍କ ରଚନା କୁ ମଧ୍ୟ ପଢ଼ ।

ବର୍ଣ୍ଣନାତ୍ମକ ଭାବରେ କିପରି ଲେଖିବା ଏହା ଶିଖିବା ପାଇଁ ଏକ ଭିଡିଓ ଦେଖ ।

ଗୀତ ରଚନା ଟିପ୍ସ
ଲିଖନକୁ ପ୍ରତିଯୋଗିତା ନୁହେଁ ସହଯୋଗ ଭାବରେ ଭାବନ୍ତୁ ଏବଂ ଅନ୍ୟମାନଙ୍କ ପାଇଁ ମତାମତ ଛାଡି ଗଠନମୂଳକ ଏବଂ ସକାରାତ୍ମକ ହେବାକୁ ଚେଷ୍ଟା କରନ୍ତୁ ।

## କାର୍ଯ୍ୟକଳାପ ୧: ନିଜେ ଚେଷ୍ଟା କର !

ଏକ ଗଛ ବିଷୟରେ ଏକ ବର୍ଣ୍ଣନାତ୍ମକ ରଚନା ଲେଖ ।

0680CH10



## କାର୍ଯ୍ୟକଳାପ ୨: ପରିଚିତ କିମ୍ବା ଲୋକପ୍ରିୟ ଧୁନ୍ କୁ ଆଧାର କରି ଏକ ଗୀତ ଲେଖିବା

ମିଳୁଥିବା ଧୁନ୍ ଗୁଡିକ ପାଇଁ କିପରି ଗୀତ ଲେଖିବ ତାହା ବୁଝିବା ପାଇଁ ପ୍ରଦତ୍ତ ଭିଡିଓ ଦେଖ ।

ଟ୍ୱିଙ୍କଲ ଟ୍ୱିଙ୍କିଲ ଲିଟିଲ ଷ୍ଟାର ଆସ ଏହାର ଉଦାହରଣ ନେବା । ଏହି ଗୀତକୁ ଆମେ ସମସ୍ତେ ଏକାଧିକ ଥର ଶୁଣିଛୁ। ଏହା ଜାଣିବା ଆକର୍ଷଣୀୟ ଯେ ଏହି ସମାନ ଧୁନ୍ ରେ ବାଃ ବାଃ କଳା ମେଣ୍ଢା ଏବଂ ଅନ୍ୟ ଏକ ଲୋକପ୍ରିୟ ଗୀତ, ଏ ବି ସି ଡି ରହିଛି । ଏବେ ତୁମେ ଏହି ଲୋକପ୍ରିୟ ଧନ୍ ରେ ନିଜର ଏକ ଗୀତ ରଚନା କର ।

ଉଦାହରଣ ପାଇଁ ଟ୍ୱିଙ୍କଲ ଲିଟିଲ ଷ୍ଟାରର ଏହି ଭିଡିଓ ଦେଖ ।

© NCERT not to be republished

ଏହି ଲୋକପ୍ରିୟ ଭାରତୀୟ ଗୀତ (ନାଟ୍ଟୁସ୍ୱରମ୍) ଶ୍ୟାମଲେ ମୀନାକ୍ଷୀ ଶୁଣ । ଆଗକୁ ଯାଅ ଏବଂ ଏହି ଲୋକପ୍ରିୟ ଗୀତ ପାଇଁ ନିଜ ଶବ୍ଦ ଲେଖ ।

## କାର୍ଯ୍ୟକଳାପ ୩ : ଅପରିଚିତ କିମ୍ବା ଅସାଧାରଣ ଧୁନ୍ କୁ ଆଧାର କରି ଏକ ଗୀତ ଲେଖିବା

ଅଡିଓରେ ଥିବା ଧୁନ୍ କୁ ଶୁଣ ଏବଂ ଏହାକୁ ଅନୁସରଣ କରି ନିଜର ଗୀତ ଲେଖ ।

ତୁମେ ମଧ୍ୟ ନାଟ୍ଟୁସ୍ୱରମ୍ ଶୁଣି ପାରିବ ଏବଂ ଏଥିରେ ନିଜର ଗୀତ ଲେଖିପାରିବ ।

### ଗୀତିମୟତା ଜାଣିବା

ଗୀତ କିମ୍ବା କବିତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଗୀତିମୟତା । ଏହାର ଗୋଟିଏ କାରଣ ହେଉଛି ଗୀତିମୟତା ଆମ କାନକୁ ବାକ୍ୟ କେଉଁଠି ପରିବର୍ତ୍ତନ ହୁଏ ତାହା ବୁଝିବାରେ ସାହାଯ୍ୟ କରିଥାଏ । ଆମ ଗୀତ ଯେଉଁ ଧାରଣାକୁ ପ୍ରକାଶ କରିବାକୁ ଚେଷ୍ଟା କରୁଛି ତାହାକୁ ଆଲୋକିତ କରିବାରେ ଏହି ଗୀତିମୟତା ମଧ୍ୟ ସାହାଯ୍ୟ କରେ । ଗୀତିମୟତା ଭରା ପଦ ବାଜିବା ସମୟରେ ଲୋକମାନେ ଅଧିକ ଧ୍ୟାନ ଦେଇ ଶୁଣନ୍ତି ।

ଉଦାହରଣ
ଦେଉଳ, ବଉଳ, ନେଉଳ,
ପ୍ରେମ, କାମ
ହାତ, ପାଦ

ଗୀତିମୟତା କେମିତି ରହିବ ଶିଖିବା ପାଇଁ ଭିଡିଓ ଦେଖ ।

ନାଟ୍ଟୁଶ୍ୱରମ୍ ବା ନାଟ୍ଟୁଶ୍ୱର ଏକ ଶବ୍ଦ ଯାହା କର୍ଣ୍ଣାଟକ ସଙ୍ଗୀତରେ ପ୍ରଖ୍ୟାତ ସଙ୍ଗୀତକାର ମୁଥୁସ୍ୱାମୀ ଦୀକ୍ଷିତରଙ୍କ ଦ୍ୱାରା ନିର୍ମିତ ଏକ ରଚନାକୁ ସୂଚିତ କରିବା ପାଇଁ ବ୍ୟବହୃତ ହୁଏ । ଇଂରାଜୀ ଶବ୍ଦ 'ନୋଟ୍' ଏବଂ ତାମିଲ ଶବ୍ଦ 'ସ୍ୱରମ୍' (ଯାହାର ଅର୍ଥ ସ୍ୱର) ର ମିଶ୍ରଣରୁ ନାଟ୍ଟୁଶ୍ୱରମ୍ ଶବ୍ଦ ଆସିଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ରଚନା ପାଶ୍ଚାତ୍ୟ ସଙ୍ଗୀତ ଉପରେ ଆଧାରିତ। ଦୀକ୍ଷିତର ସମୁଦାୟ ୩୯ଟି ନାଟ୍ଟୁଶ୍ୱର ରଚନା କରିଥିଲେ ।

## କାର୍ଯ୍ୟକଳାପ ୪: ସୌରମଣ୍ଡଳ ଗୀତର ଗୀତିମୟତା ଶୁଣିବା

### ସୌରମଣ୍ଡଳ ଗୀତ

ଭାଗ ୧
ସଭିଙ୍କଠୁ ସାନ ଗ୍ରହ ବୁଧ ମୁଁ
ସୂର୍ଯ୍ୟଙ୍କର ସବୁଠାରୁ ନିକଟତର ମୁଁ
ମୋର ବାର୍ଷିକ ଦୌଡ଼ କରିବାକୁ ପୂରଣ
ହୋଇଛି ଅଷ୍ଟାଅଶୀ ଦିନ ନିର୍ଦ୍ଧାରଣ ।

ସବୁଠାରୁ ଉତ୍ତପ୍ତ, ଶୁକ୍ର ମୁଁ
ସଭିଙ୍କ ଭିତରେ ଉଜ୍ଜ୍ୱଳ ମୁଁ
ଯଦି ତୁମେ ଦେଖ ମୋତେ ରାତିରେ
ଠିକ୍ ତରା ପରି ମୁଁ ଦିଶେରେ ।

ତୁମର ଘର ପୃଥିବୀ ମୁଁ
ଜୀବନ ଧାରଣର ଏକମାତ୍ର ସ୍ଥାନ ମୁଁ
ତୁମ ସଭିଁଙ୍କୁ ଦେବା ପାଇଁ ଜୀବନ
ଅଛି ମୋ ପାଖରେ ଖାଦ୍ୟ, ପାଣି ଓ ପବନ ।

ସାମୂହିକ ଗାନ
(ଗ୍ରହ, ଆମର ସବୁ ଗ୍ରହ
ସୂର୍ଯ୍ୟଙ୍କ ଚାରିପଟେ ଘୂରିବୁଲନ୍ତି
ସୌରମଣ୍ଡଳକୁ କେବେ ନ ଭୁଲ
ହୋଇଗଲେ ଥରେ ଏହି ଗୀତଟି) × 2

© NCERT not to be republished

ଭାରତୀୟ ସଙ୍ଗୀତରେ ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକ ଭଳି ଶାସ୍ତ୍ରୀୟ ସଙ୍ଗୀତ ସହିତ ଲୋକ, ଅର୍ଦ୍ଧ ଶାସ୍ତ୍ରୀୟ, ଭକ୍ତି, ଦେଶାତ୍ମବୋଧକ ଏବଂ ଚଳଚ୍ଚିତ୍ର ସଙ୍ଗୀତ ଭଳି ଅନେକ ଶୈଳୀ ରହିଛି । ବିଭିନ୍ନ ଶୈଳୀର ଗୀତ ଶିଖିବା କେବଳ ମଜାଦାର ନୁହେଁ ବରଂ ସ୍ଥାନୀୟ ସଂସ୍କୃତି ଏବଂ ପରମ୍ପରାକୁ ବୁଝିବାରେ ମଧ୍ୟ ସାହାଯ୍ୟ କରେ ! କିଛି ଶୈଳୀ ଚୟନ କର, ପ୍ରତ୍ୟେକ ଶୈଳୀରୁ ଗୋଟିଏ ଗୀତ ଶିଖ ଏବଂ ଏହାକୁ ତୁମ ବନ୍ଧୁ ଏବଂ ପରିବାରକୁ ଏକ ଶ୍ରେଣୀ ଭାବରେ ଉପସ୍ଥାପନ କର !



ଭାଗ ୨
ମୁଁ ମଙ୍ଗଳ, ମୁଁ ରଙ୍ଗ ଲାଲ,
ମୁଁ ପୃଥିବୀ ଠାରୁ ଛୋଟ
ମୋ ଚନ୍ଦ୍ର ଆଳୁ ପରି,
ସେମାନେ ହେଉଛନ୍ତି ଡିମୋସ୍ ଏବଂ ଫୋବୋ।

ସବୁଠାରୁ ବଡ଼, ମୁଁ ବୃହସ୍ପତି,
ଦେହରେ ମୋର ଏକ ଲାଲ ଦାଗ ଅଛି;
ମୋତେ ଘେରି ରହିଛି ୬୩ଟି ଚନ୍ଦ୍ର,
ଯାହା ପ୍ରକୃତରେ ବହୁତ ।

ଚମକିଲା, ମୁଁ ଶନି,
ମୋର ଚକ୍ର ବରଫରେ ତିଆରି;
ମୁଁ ପାଣିରେ ଭାସୁପାରିବି
ଯେହେତୁ ମୁଁ ବହୁତ ହାଲୁକା ।

କୋରସ୍
(ଗ୍ରହ, ଆମର ସବୁ ଗ୍ରହ
ସୂର୍ଯ୍ୟଙ୍କ ଚାରିପଟେ ଘୂରିବୁଲନ୍ତି
ସୌରମଣ୍ଡଳକୁ କେବେ ନ ଭୁଲ
ହୋଇଗଲେ ଥରେ ଏହି ଗୀତଟି ।) × 2

ଭାଗ ୩
ୟୁରାନସ୍, ସବୁଠାରୁ ଥଣ୍ଡା ମୁଁ,
ଏକ ପାର୍ଶ୍ୱକୁ ଉଠି ରହିଛି ମୁଁ;
ମୋତେ ରହିଛି ଘେରି ତେରଟି ଚକ୍ର
କିନ୍ତୁ ତାଙ୍କୁ ଖୋଜିବା ବହୁତ କଷ୍ଟ ।

ମୁଁ ନେପଚୁନ୍, ମୁଁ ନୀଳ,
ମୁଁ ସୂର୍ଯ୍ୟର ସବୁଠାରୁ ଦୂରରେ ସ୍ଥିତ;
ଯେବେ ତୁମେ ମୋ ଉପରେ ଠିଆ ହୁଅ,
ଏହା ମେଘ ପରି ହୁଏ ଅନୁଭବ
ଯାହା ବହୁତ ଆନନ୍ଦଦାୟକ ।

ସେତୁ
ଆମେ ପଥର ଗ୍ରହମାନଙ୍କୁ ଜାଣୁ ଆମର,
ସେ ହେଉଛନ୍ତି ଚାରି ଗ୍ରହ ପ୍ରଥମ;
ଏହାପରେ ବହୁତ ଗ୍ୟାସୀୟ ସ୍ତର
ଏବଂ ପରେ ଆହୁରି ଅନେକ ।
ପ୍ଲୁଟୋ ହେଉଛି ଏକ ବାମନ,
ସେ ଚାହେଁ ମିଶିବାକୁ ସମସ୍ତଙ୍କ ସହ;
କିନ୍ତୁ ଅସଲ ସମସ୍ୟା ହେଉଛି
ବହୁତ ସାନ ସେ ଅଛି ।

କୋରସ
(ଗ୍ରହ, ଆମର ସବୁ ଗ୍ରହ
ସୂର୍ଯ୍ୟଙ୍କ ଚାରିପଟେ ଘୂରିବୁଲନ୍ତି
ସୌରମଣ୍ଡଳକୁ କେବେ ନ ଭୁଲ
ହୋଇଗଲେ ଥରେ ଏହି ଗୀତଟି।) × 2

© NCERT not to be republished

**ମନେ ରଖ**

ଗୀତିମୟତା ଯୋଜନା ହେଉଛି ଗୀତ କିମ୍ବା କବିତାର ପ୍ରତି ବାକ୍ୟ କିମ୍ବା ଭାଗରେ ଧାଡ଼ି ଶେଷର ଛନ୍ଦମୟତା । ଉଦାହରଣ ସ୍ୱରୂପ, ଧରାଯାଉ ଯେ ଏକ କବିତାର ପ୍ରଥମ ଓ ତୃତୀୟ ଧାଡ଼ିର ସମାନ ହୁଏ, ଏହାକୁ ଆମେ A ନାମରେ ନାମିତ କରିବା, ଏବଂ ଦ୍ୱିତୀୟ ଓ ଚତୁର୍ଥ ଧାଡ଼ିର ସମାନ ହୁଏ, ଏହାକୁ ଆମେ B ନାମରେ ନାମିତ କରିବା । ତା'ପରେ ଏହି ଯୋଜନା ABAB ହେବ ।

## କାର୍ଯ୍ୟକଳାପ ୫: ଗୀତିମୟତା ଯୋଜନାରେ ପରବର୍ତ୍ତୀ ସମ୍ଭାବ୍ୟ ପଦ ପୂରଣ କରିବା

ସକାଳେ ଗଗନ ଥିଲା ଅନ୍ଧାର,
ତହିଁ ସୂର୍ଯ୍ୟ ନଥିଲା ଉଜ୍ଜ୍ୱଳ
ଶୋକ କରିବା ପାଇଁ ଦିନଟି ପ୍ରସ୍ତୁତ,
ମନେ ପଡୁଛି ମୋର ଉଷ୍ମତା ଆଲୋକର ।

## ରଚନା

ଅନେକ ଲୋକ ପ୍ରଚଳିତ ଗୀତ ଶିଖିବାକୁ ଏବଂ ଗାଇବାକୁ ପସନ୍ଦ କରନ୍ତି କିନ୍ତୁ ଅନ୍ୟ କିଛି ଲୋକ ନିଜର ଗୀତ ରଚନା କରିବାକୁ ପସନ୍ଦ କରନ୍ତି । ଯଦି ତୁମେ ଲେଖନୀ ମାଧ୍ୟମରେ ନିଜର ଭାବନାକୁ ପ୍ରକାଶ କରିବାକୁ ପସନ୍ଦ କର, ତେବେ ନିଜ ଗୀତ ଲେଖିବା ଏବଂ ଏହାକୁ ଏକ ମୌଳିକ ସ୍ୱରରେ ଗାଇବାକୁ ଚିନ୍ତା କର ।

© NCERT not to be republished